## ସାଲେପୁର ଯୁବକଙ୍କୁ ବିଞ୍ଝାରପୁରରେ ହତ୍ୟା ଘଟଣା

# ଜଣକୁ ଗିରଫ କରି ପୁଲିସ ନିରବ



**ଅନ୍ୟ ଅଭିଯୁକ୍ତ ଗିରଫ ହେବେ କେବେ?**

**ସାଲେପୁର, ୪।୧(ସମିସ):** ସାଲେପୁର ଥାନାଞ୍ଚଳର ଯୁବକଙ୍କୁ ବିଞ୍ଝାରପୁର ଥାନା ଅଞ୍ଚଳରେ ହତ୍ୟାକରିବା ଅଭିଯୋଗରେ ବିଞ୍ଝାରପୁର ପୁଲିସ ଖାଲି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଚୁପ ହୋଇ ବସିଥିବାରୁ ଅନ୍ୟ ଅଭିଯୁକ୍ତମାନେ ନିର୍ଭୟରେ ବୁଲୁଛନ୍ତି। ମୃତ ଯୁବକଙ୍କ ପରିବାରକୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ମିର୍ଜାପୁର ପଞ୍ଚାୟତ ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକଙ୍କୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ମଇଁଦା ଗ୍ରାମକୁ ନିଜ ଝିଅ ସହ ବିବାହ କରାଇଦେବାକୁ ଡାକିନେଇ ତାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ବିଞ୍ଝାରପୁର ଥାନାରେ ଗତ ୧୫ଦିନ ତଳେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଝିଅର ବାପା କଇନକୁ ଗିରଫ କରିଛି।

ଏହି ଘଟଣାକୁ ୧୫ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିପାରି ନଥିବାରୁ ମୃତ ଯୁବକର ପିତା ଗଣମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ଥାନା ଅଧୀନ ମଇଁଦା ଗ୍ରାମର କଇନ ଦାସଙ୍କ ଝିଅ ସାଲେପୁର ଥାନା ଅଧୀନ ଦେଉଳି ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଅଶୋକ ସହ କଇନଙ୍କ ଝିଅ ମଧ୍ୟରେ ପ୍ରେମ ସମ୍ପର୍କରେ ସୃଷ୍ଟି ହେବାରୁ କଇନ ଝିଅର ଶାଶୂଘର ଏସବୁ ଜାଣିଥିଲେ। ବୋହୂକୁ ତା'ର ବାପଘର ବିଞ୍ଝାରପୁରକୁ ପଠାଇ ଦେଇଥିଲେ।

ଗତ ୧୫ଦିନ ତଳେ ଅଶୋକ ଦାସକୁ କଇନ ଦାସଙ୍କ ପରିବାର ଲୋକେ ନିଜ ଝିଅ ସହ ବିବାହ କରାଇଦେବାକୁ ବିଞ୍ଝାରପୁରକୁ ଡାକି ନେଇ ରାତି ସାରା ଏକ କୋଠରୀ ମଧ୍ୟରେ ପୁରାଇ ତାକୁ ପିଟି ପିଟି ଗୁରୁତର ଆହତ କଲାପରେ ଏକ ଗାମୁଛାରେ ଅଶୋକର ବେକକୁ ବାନ୍ଧି ଗୁହାଳରେ ଟାଙ୍ଗିଦେଇଥିବାର ଅଶୋକ ପରିବାର ଲୋକେ ବିଞ୍ଝାରପୁର ଥାନାରେ ସେତେବେଳେ ଲିଖିତ ଅଭିଯୋଗ କରିଥିଲେ।

## ନଳକୂପ ଉପାଡ଼ିଦେଲା ହାତୀ

**ତିଗିରିଆ,୪।୧(ସମିସ):** ତିଗିରିଆ ବ୍ଲକ ଅଧୀନ ନୂଆସଡକ ଗୋଡିଝରିଆ ଗ୍ରାମ ଉନ୍ନୟନ ରାସ୍ତାର କଲମି ବଗିଚା ଭିତରେ ଥିବା ଏକ ନଳକୂପକୁ ଶନିବାର ରାତିରେ ଗୋଟିଏ ଜଙ୍ଗଲୀ ହାତି ଉପାଡି ଦେଇଛି। ନୂଆସଡକରୁ ଗୋଡିଝରିଆ ଦୀର୍ଘ ୩ କିମି ରାସ୍ତା ମଧ୍ୟରେ ଏହି ଗୋଟିଏ ମାତ୍ର ନଳକୂପ ଥିବା ବେଳେ



ପଥଚାରୀମାନେ ନିଜର ଶୋଷ ମେଣ୍ଟାଇବା ପାଇଁ ବ୍ୟବହାର କରୁଥିବା ବେଳେ ଆମ୍ବ ଋତୁରେ କଲମି ବଗିଚା ସହିତ ନିକଟରେ ଥିବା ଅନ୍ୟ ଆମ୍ବ ବଗିଚାର ଜଗୁଆଳିମାନେ ପାଣି ପାଇଁ ଏହି ନଳକୂପକୁ ବ୍ୟବହାର କରିଥାନ୍ତି। ଏହି ରାସ୍ତା ଦେଇ ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଆଦି ଅଞ୍ଚଳକୁ ଯାଉଥିବା ପଥଚାରୀମାନେ ଭୟରେ ଯାତାୟାତ କରୁଥିଲେ ହେଁ ସ୍ଥାନୀୟ ବନବିଭାଗ ଦନ୍ତା ହାତୀଟିକୁ ନିୟନ୍ତ୍ରଣରେ ରଖିବାରେ ବିଫଳ ହୋଇଛି। ତେବେ, କ୍ଷତିଗ୍ରସ୍ତ ନଳକୂପର ଯୁଦ୍ଧକାଳୀନ ମରାମତି ସହିତ ଏହି ବନବିଭାଗ ପକ୍ଷରୁ ରାସ୍ତାରେ ନିୟମିତ ପାଟ୍ରୋଲିଂ କରାଯିବାକୁ ଦାବି ହେଉଛି।

## ଦୁର୍ଘଟଣାରେ ୩ ଗୁରୁତର

**ତିଗିରିଆ,୪।୧(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ପେଟ୍ରୋଲ ପମ୍ପ ନିକଟରେ ଦୁଇଟି ବାଇକ ମଧ୍ୟରେ ଦୁର୍ଘଟଣା ଘଟି ମୋଟ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟାରେ ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ସୁଦର୍ଶନପୁର ଗ୍ରାମର ଜଣେ ଯୁବକ ବାଇକରେ ତିଗିରିଆ ଆଡୁ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକରେ ଆସୁଥିବା କୋଇଲି କନ୍ୟା ଗ୍ରାମର ଦମ୍ପତିଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କାରେ ସମସ୍ତ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ସମସ୍ତ ଗୁରୁତର ଆହତଙ୍କୁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

**● ଓଭରଲୋଡିଂ ଟ୍ରକ୍‌ରେ ପ୍ରଶାସନର ଚଢ଼ଉ**

## ୪ ହାଇୱା ଜବତ, ଦେଢ଼ଲକ୍ଷ ଜରିମାନା

**ଆଠଗଡ଼,୪।୧(ସମିସ):** ଆଠଗଡ଼ ବଜାର ଓ ଏହାର ଆଖପାଖ ରାସ୍ତାଗୁଡ଼ିକରେ କ୍ଷମତାଠାରୁ ଅଧିକ ପରିମାଣର ଚିପ୍ସ ବୋଝେଇ କରି ଯାଉଥିବା ଟ୍ରକଗୁଡ଼ିକ ଉପରେ ଉପଜିଲ୍ଲାପାଳ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଗତ ଦୁଇ ଦିନ ଧରି ଚାଲିଥିବା ଏହି ଅତର୍କିତ ଯାଞ୍ଚ ସମୟରେ ୪ଟି ବଡ଼ ହାଇୱା ଟ୍ରକକୁ ଜବତ କରାଯାଇଛି। ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ବିଭିନ୍ନ ମାର୍ଗରେ ପରିଦର୍ଶନ କରୁଥିବା ସମୟରେ ଏହି ଓଭରଲୋଡିଂ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଯଦିଓ ଚାଲାଣ ହେଉଥିବା ଚିପ୍ସର କାଗଜପତ୍ର ସଠିକ୍ ରହିଥିଲା, ମାତ୍ର ଟ୍ରକଗୁଡ଼ିକରେ ନିର୍ଦ୍ଧାରିତ ସୀମାଠାରୁ ଯଥେଷ୍ଟ ଅଧିକ ଓଜନର ସାମଗ୍ରୀ ଲଦା ଯାଇଥିବା ଜଣାପଡ଼ିଥିଲା। ଉପଜିଲ୍ଲାପାଳଙ୍କ ସୂଚନାକ୍ରମେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମୋଟରଯାନ ନିରୀକ୍ଷକ ରଞ୍ଜନ କୁମାର ଦୋରା ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକର ମାପ ଓଜନ କରିଥିଲେ। ଏହି ୧୦-୧୨ ଚକିଆ ବିଶିଷ୍ଟ ୪ଟି ହାଇୱା ଟ୍ରକରୁ ନିୟମ ଅନୁଯାୟୀ ମୋଟ ୧ ଲକ୍ଷ ୫୭ ହଜାର ୧୩୪ ଟଙ୍କା ଜରିମାନା ଆଦାୟ କରାଯାଇଛି। କ୍ଷମତାଠାରୁ ଅଧିକ ବୋଝେଇ ଗାଡ଼ି ଯୋଗୁଁ ରାସ୍ତା ଖରାପ ହେବା ସହ ଦୁର୍ଘଟଣାର ଆଶଙ୍କା ବଢୁଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଜରିମାନା ପୈଠ ହେବା ପରେ ଗାଡ଼ିଗୁଡ଼ିକୁ ଛଡ଼ାଯାଇଥିବା ବେଳେ ଆଗାମୀ ଦିନରେ ଏହି ଅଭିଯାନ ଆହୁରି ଜୋରଦାର ହେବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଆଠଗଡ଼,୪।୧(ସମିସ):** ଆଠଗଡ଼ ଭେଟେରାନ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମରେ ରବିବାର ୨ୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତଜ୍ଞ ବିକାଶ ଶୁକ୍ଳା ଓ ପୁରାତନ ଖେଳାଳି ତଥା ଷ୍ଟେଟବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ରାଜେଶ ସିଂ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ଖୋର୍ଦ୍ଧାର ମେଣ୍ଟାଶାଳ କ୍ରିକେଟ କ୍ଲବ ୧୦୮ ରନରେ ଜାକୋଭିନ୍ କ୍ରିକେଟ କ୍ଲବକୁ ହରାଇଛଇ। ମେଣ୍ଟାଶାଳ ଦଳର ଶୁଭେନ୍ଦୁ ପ୍ରଧାନ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା ସାଗ୍ନିକା ଦାଶ ଖେଳାଳୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ମନୋରଞ୍ଜନ ମହାନ୍ତି ଓ ସମୀର ପ୍ରଧାନ ପରିଚାଳନା କରିଥିଲେ।





## ଭେଙ୍କଟେଶ୍ୱରଙ୍କ ନଗର ପରିକ୍ରମା ଉତ୍ସବ

**କଟକ,୪।୧(ସମିସ):** କଟକ ସହରର ଦିୱାନ ବଜାର ତେଲୁଗୁ ସାହିସ୍ଥିତ ପ୍ରସିଦ୍ଧ ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ପକ୍ଷରୁ ରବିବାର ମହାପ୍ରଭୁଙ୍କ ପାରମ୍ପରିକ ନଗର ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧନୁର୍ମାସ ଅବସରରେ ଗତ ଡିସେମ୍ବର ୧୬ ତାରିଖରୁ ଚାଲିଆସୁଥିବା ବିଶେଷ ପୂଜାର୍ଚ୍ଚନା ପରିପ୍ରେକ୍ଷୀରେ ପ୍ରତିବର୍ଷ ଜାନୁଆରୀ ପ୍ରଥମ ରବିବାର ଦିନ ଶ୍ରୀ ଦେବୀ ଓ ଭୂଦେବୀଙ୍କ ସମେତ ମହାପ୍ରଭୁଙ୍କ ଉତ୍ସବ ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ସହର ପରିକ୍ରମା କରାଯାଇଥାଏ। ଏହି ଉତ୍ସବରେ ଶିଳ୍ପପତି ପ୍ରହଲ୍ଲାଦ ଖଣ୍ଡେଲୱାଲ, ଓଲିଉଡ କଳାକାର ତଥା ବିଜେପି ନେତା ଶ୍ରୀତମ ଦାସ, ସମାଜସେବୀ ଚିତ୍ତ ରଞ୍ଜନ ଦାସ, ସୁଶାନ୍ତ ପାତ୍ର, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଲଲାଟେନ୍ଦୁ ବଡୁ ଏବଂ ମାରୱାଡ଼ି ସମାଜର ସଞ୍ଜୟ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ମହାପ୍ରଭୁଙ୍କ କୃପା ଲାଭ କରିଥିଲେ। ଐକ୍ୟତା ତେଲୁଗୁ ସଂଗଠନର ଅଧ୍ୟକ୍ଷ ସୁବାସ ନାଇଡୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶତାଧିକ ଶ୍ରଦ୍ଧାଳୁ ଗୋବିନ୍ଦ ନାମ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଦିୱାନ ବଜାରରୁ ବାହାରି ଖଟବିନ ସାହି, ରୋଭର ଷ୍ଟ୍ରିଟ୍, ଜଗନ୍ନାଥ ବଲ୍ଲଭ, କାଜି ବଜାର, ଚୌଧୁରୀ ବଜାର, ଦର୍ଘା ବଜାର, ବକ୍ସି ବଜାର, ପଟ୍ଟାପୋଲ ଏବଂ ଓଡ଼ିଆ ବଜାର ପ୍ରଭୃତି ଅଞ୍ଚଳ ପରିକ୍ରମା କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ଚନ୍ଦ୍ରମୌଳି ଶାସ୍ତ୍ରୀ, ଡି. ବାବାଜୀ ଶାସ୍ତ୍ରୀ ଓ ପି. ଚଣ୍ଡି ବାବୁଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ସୂଚାରୁରୂପେ ସମ୍ପାଦିତ ହୋଇଥିଲା। ଦେୱାନ ବଜାର ତେଲୁଗୁ ସାହି ସଭାପତି କେ. ଦୁର୍ଗା ପ୍ରସାଦ, ସମ୍ପାଦକ ବାସିନୀ ଶ୍ରୀନିବାସ, ମନ୍ଦିର କମିଟି ସଭାପତି ଗୌର ଠାକୁର, ଆଇ. ସୁବ୍ରମଣ୍ୟମ୍ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଇଂ ଗୋବିନ୍ଦଚନ୍ଦ୍ର ସାହୁଙ୍କ ବିୟୋଗରେ ଶୋକ

**କଟକ,୪।୧(ସମିସ):** ସୁଖ୍ୟାତ ଇଞ୍ଜିନିୟର ତଥା ବିଶିଷ୍ଟ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ ୩୧ ତାରିଖରେ ମହାନଦୀ ବିହାରସ୍ଥ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିବା ବେଳେ ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ମହାନଦୀ ବିହାର ମହିଳା ମହାବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସମ୍ପାଦକ ଇଞ୍ଜିନିୟର ଆଲୋକ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ପୂର୍ତ୍ତ ବିଭାଗର ପୂର୍ବତନ ସଚିବ ଇଂ ଗୋପାଳକୃଷ୍ଣ ବେହେରା, ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦଚନ୍ଦ୍ର ଚାନ୍ଦ ଏବଂ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାହୁ ଜଣେ ଦକ୍ଷ ଯନ୍ତ୍ରୀ ଭାବେ ରାଜ୍ୟର ଭିତ୍ତିଭୂମି ବିକାଶରେ ଯେତିକି ଅବଦାନ ରଖିଥିଲେ, ସାହିତ୍ୟିକ ଭାବେ ନିଜର ଲେଖନୀ ମାଧ୍ୟମରେ ସେତିକି ଲୋକପ୍ରିୟତା ହାସଲ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମିଶ୍ର, ସାହିତ୍ୟିକ ଆଦିତ୍ୟ ପ୍ରସାଦ ଧଳ, ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର, ଆଇନଜୀବୀ ଇଂ ଆକାଶ ଭୂୟାଁ ଏବଂ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ସାହୁଙ୍କ ସ୍ମୃତିରେ ଅଞ୍ଚଳରେ ଏକ ସ୍ମାରକୀ ସ୍ଥାପନ କିମ୍ବା ସାହିତ୍ୟିକ ପୁରସ୍କାର ପ୍ରଚଳନ କରିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଆଲୋଚନା କରାଯାଇଥିଲା। ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ପ୍ରାର୍ଥନା କରାଯାଇ ଶୋକସଭା ଶେଷ ହୋଇଥିଲା।




## ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଉତ୍ସବ

**ନରସିଂହପୁର,୪।୧(ସମିସ):** ନରସିଂପୁର ବ୍ଲକ ଅନ୍ତର୍ଗତ ପାଇକପଡ଼ାପଟଣାସ୍ଥିତ ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟ ଆନୁକୂଲ୍ୟରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ମାନିତ ଅତିଥିଭାବେ କର୍ଣ୍ଣେଲ ଶରତ ନାୟକ, ଆଇନଜୀବୀ ମଳୟ ବରାଳ, ଜନାର୍ଦ୍ଦନ ସେନାପତି ଯୋଗଦେଇଥିଲେ। ସଂଘର ସଭାପତି ଜୟପ୍ରକାଶ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରଜନୀକାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ନବକିଶୋର ଦାସ, ସଂଯୋଜକ ବିଶ୍ୱନାଥ ବିଶ୍ୱାଳ, ସନାତନ ଜେନା, ପ୍ରସନ୍ନ ସାହୁ, ବରେନ୍ଦ୍ର ନାୟକ, ପ୍ରଦୀପ ଛତ୍ର, ରାଜ କିଶୋର ବାରିକ, ନିରଞ୍ଜନ ସାହୁ, ଗୋକୁଳ ବେହେରା, ଶରତ ସାହୁ, ଦେବାର୍ଚ୍ଚନ ଲେଙ୍କା, ପ୍ରକାଶ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



**ମା' ମହାଶ୍ୟାମଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ବାସୁଦେବପୁରକୁ ହରାଇ ଚୌଦ୍ୱାର ଚାମ୍ପିଅନ



**ତିଗିରିଆ,୪।୧(ସମିସ):** ତିଗିରିଆ ବ୍ଲକ୍ ଅଚଳକୋଟ ପଞ୍ଚାୟତ ବଡେଇ ଚବକା ଖେଳ ପଡ଼ିଆରେ ଚାଲିଥିବା ୪୨ତମ ମା ମହାଶ୍ୟାମଳା କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଚୌଦ୍ୱାର କ୍ରିକେଟ କ୍ଲବ ବିପକ୍ଷ ବାସୁଦେବପୁର କ୍ରିକେଟ କ୍ଲବକୁ ୨ ୱିକେଟରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବ୍ୟାଟିଂରେ ଚୌଦ୍ୱାର ଦଳର ଦୀପକ ୧୪ ବଲରେ ଆକର୍ଷଣୀୟ ୩୯ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଜୟ ବଳିୟାରସିଂହ ଯୋଗ ଦେଇଥିଲେ। ଖେଳକୁ ଶ୍ରୀମୟ ପ୍ରଧାନ ଓ ସିଦ୍ଧାନ୍ତ ଜେନା ପରିଚାଳନା କରିଥିଲେ। ହେମନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଗଣଦୌଡ଼ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୪।୧(ସମିସ):** ଜାତୀୟ ଯୁବ ଦିବସ ଅବସରରେ ଚୌଦ୍ୱାରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ହେବାକୁ ଥିବା ଗଣଦୌଡ ଉପଲେକ୍ଷ ଏକ ପ୍ରସ୍ତୁତି ବୈଠକ ଓଟିଏମ କଲୋନୀସ୍ଥିତ ମା ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭାସ୍କରଚନ୍ଦ୍ର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୨ତାରିଖ ସକାଳ ୭ଟା ସମୟରେ ଓଟିଏମ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରୁ ଏହି ଗଣଦୌଡ ଆରମ୍ଭ ସହ ପ୍ରାୟ ୧୧ କିମି ପରିକ୍ରମା କରିବା ପରେ ଖେଳପଡ଼ିଆରେ ସମାପ୍ତ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିଦିନ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଓ ପାରମ୍ପରିକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରତିଯୋଗୀମାନେ ନିଜର ନାମ ପଞ୍ଜୀକରଣ ପାଇଁ ୯୯୩୮୦୦୦୯୯୯ ନମ୍ବରରେ ଯୋଗାଯୋଗ କରିବା ପାଇଁ ସମ୍ପାଦକ ଅଶ୍ୱିନୀ ଜେନା ସୂଚନା ଦେଇଛନ୍ତି। ବୈଠକରେ କୋଷାଧ୍ୟକ୍ଷ ମାନସ ପରିଡା, ସୁରେଶ ରାଉତରାୟ, ଅମୂଲ୍ୟ ରଞ୍ଜନ ରାଉତରାୟ, ଭାସ୍କର ପ୍ରସାଦ ମହାପାତ୍ର, ଟୁକୁ ପ୍ରଧାନ, ରାଜକିଶୋର ସାମନ୍ତ, କାହ୍ନୁଚରଣ ଜେନା ଓ ଦୀପକ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପୂଜା କମିଟିକୁ ସମ୍ବର୍ଦ୍ଧନା


**ଫୁଲନଖରା, ୪।୧(ସମିସ):** କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ସଭାଗୃହରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗତ ଦଶହରା ଅବସରରେ ସଦର ଥାନାଞ୍ଚଳରେ ୨୪ଟି ମଣ୍ଡପରେ ଅନୁଷ୍ଠିତ ମା' ଦୁର୍ଗା ଓ ମହାଦେବଙ୍କ ପୂଜାରେ ପୂଜାପଦ୍ଧତି, ମୂର୍ତ୍ତି, ତୋରଣ ଓ ଭସାଣିରେ ସର୍ବୋତ୍କୃଷ୍ଟ କମିଟିକୁ ପୁରସ୍କୃତ କରାଯିବା ସହ ସମସ୍ତ ପୂଜା ମଣ୍ଡପକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ତମ ପୂଜା ନିମନ୍ତେ ଭାଣପୁର ଦୁର୍ଗାପୂଜା କମିଟି, ଶ୍ରେଷ୍ଠ ଦୁର୍ଗା ମୂର୍ତ୍ତି ପାଇଁ ଗୋପାଳପୁର ଦୁର୍ଗା ପୂଜା କମିଟି, ଶ୍ରେଷ୍ଠ ମହାଦେବ ମୂର୍ତ୍ତି ପାଇଁ ବାଲିକୁଦା ମହାଦେବ ପୂଜା କମିଟି, ଶ୍ରେଷ୍ଠ ତୋରଣ ପାଇଁ ପ୍ରତାପନଗରୀ ଦୁର୍ଗାପୂଜା କମିଟି, ଶୃଙ୍ଖଳିତ ଭସାଣ ପାଇଁ ଡାହାଳିଆବାଗ ପୂଜା କମିଟି ଓ ରାମନଗର ଦୁର୍ଗା ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ୧୮ଟି ପୂଜା ମଣ୍ଡପକୁ ସାନ୍ତ୍ୱନାମୂଳକ ସମ୍ମାନ ପ୍ରଦାନ କରାଯାଇଥିଲା। ସମସ୍ତ ପୂଜା ମଣ୍ଡପର ସଭାପତି ଓ ସମ୍ପାଦକମାନେ ଶାନ୍ତି କମିଟିର ବରିଷ୍ଠ ଉପଦେଷ୍ଟା ପୀତବାସ ମହାପାତ୍ର, ୪୮ ଭାଗ ସଂକୀର୍ତ୍ତନ ମହନ୍ତ ବନମାଳି ଦାସ, ଶିକ୍ଷାବିତ ଡ. ଶରତ ରଥ, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ, ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା ଓ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥିମାନଙ୍କଠାରୁ ଟ୍ରଫି ଓ ଉତ୍ତରୀୟ ଗ୍ରହଣ କରିଥିଲେ। ସଦର ଥାନାଞ୍ଚଳର ହରିଅନ୍ତା କାଳୀ ପୂଜା କମିଟି ୭୫ ବର୍ଷରେ ପଦାର୍ପଣ କରିଥିବାରୁ ଉକ୍ତ ପୂଜା କମିଟିକୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଗତବର୍ଷର ଶ୍ରେଷ୍ଠ କାର୍ଯ୍ୟକର୍ତ୍ତା ଭାବରେ କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ଓ ଯୁଗ୍ମ ସମ୍ପାଦକ ନଳୀନି ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ଶାନ୍ତି କମିଟିର ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ଆଇନଜୀବୀ ଦିଲ୍ଲୀପ ମହାରଣା, ଅନୀଲ ବେଉରା, କୌଶିକ ଜେନା, ବିକ୍ରମ କେଶରୀ ଶତପଥି, ପ୍ରମୋଦ ଓଝା, ଦିଲ୍ଲୀପ ସ୍ୱାଇଁ ଓ ଆଦିତ୍ୟ ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।












**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୦୦ ● ପାଉଣ୍ଡ ୧୨୧.୦୦
- ୟୁରୋ ୧୦୫.୫୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୪,୫୦୦ (ନୂଆଦିଲ୍ଲୀ)
- ରୁପା : ୨,୪୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୬୨.୦୦
- ନିଫ୍ଟି ୨୬,୩୨୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭେନେଜୁଏଲାରେ ମାଗଣା ଇଣ୍ଟରନେଟ୍ ଦେବେ ଏଲନ୍ ମସ୍କ

## ଷ୍ଟାର ଲିଙ୍କ୍ ସେବା ଫେବୃଆରୀ ୩ ପର୍ଯ୍ୟନ୍ତ ଚାଲିବ




ୱାଶିଂଟନ୍, ୪।୧(ଏଜେନ୍ସି): ଭେନେଜୁଏଲାରେ ଆମେରିକାର ସେନା କାର୍ଯ୍ୟାନୁଷ୍ଠାନ ସମୟରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏବଂ ପ୍ରମୁଖ ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଭେନେଜୁଏଲାରେ ମାଗଣା ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଯୋଗାଇବେ ମସ୍କ। ଇନଷ୍ଟାଗ୍ରାମରେ ପୋଷ୍ଟ କରି ମସ୍କ କହିଛନ୍ତି ଯେ ତାଙ୍କ କମ୍ପାନୀ ଷ୍ଟାରଲିଙ୍କ ଏବେ ଫେବୃଆରୀ ୩ ପର୍ଯ୍ୟନ୍ତ ଭେନେଜୁଏଲାରେ ମାଗଣା ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଯୋଗାଇବ। ସେ ଭେନେଜୁଏଲାର ଲୋକଙ୍କ ସମର୍ଥନରେ ଏହି ନିଷ୍ପତ୍ତି ନେଇଛନ୍ତି। ଭେନେଜୁଏଲାରେ ମାଗଣା ଇଣ୍ଟରନେଟ୍ ଯୋଗାଇବା ପାଇଁ ମସ୍କଙ୍କ ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଦେଶ ଏକ ଗମ୍ଭୀର ରାଜନୈତିକ ପରିସ୍ଥିତି ଦେଇ ଗତି କରୁଛି ଏଲନ୍ ମସ୍କ ଆଜି ରବିବାର ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ଯେ ସେ ଭେନେଜୁଏଲାର ଲୋକଙ୍କ ସମର୍ଥନରେ ଅଛନ୍ତି। ମସ୍କ ମାଗଣା ଇଣ୍ଟରନେଟ୍ ସେବା ଘୋଷଣା କରିଥିବା ଷ୍ଟାରଲିଙ୍କ ଘୋଷଣାକୁ ପୁନଃ ପୋଷ୍ଟ କରିଛନ୍ତି। ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ ପକ୍ଷରୁ ଏହି ଘୋଷଣା ଭେନେଜୁଏଲାରେ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ସମୟରେ କରାଯାଇଛି। ଆମେରିକୀୟ ଅଧିକାରୀଙ୍କ ଦ୍ୱାରା ଜାରି ଏକ ଭିଡିଓରେ ମାଦୁରୋଙ୍କୁ ହାତକଡ଼ି ପିନ୍ଧାଯାଇ ହେପାଜତକୁ ନିଆଯାଇଥିବା ଦେଖାଯାଇଛି। ଭିଡିଓରେ, ମାଦୁରୋ ସାମ୍ବାଦିକ ଏବଂ ଆମେରିକା ଡ୍ରଗ୍ ପ୍ରବର୍ତ୍ତନ ସଂସ୍ଥା (ଡିଇଏ) ଅଧିକାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଏବଂ ଶୁଭରାତ୍ରି କାମନା କରୁଥିବା ଦେଖାଯାଇଛି।

ଏହି ଘଟଣାକ୍ରମରେ କୋର୍ଟ ଘୋଷଣା କରିଛନ୍ତି ଯେ ନିକୋଲାସ୍ ମାଦୁରୋ ବର୍ତ୍ତମାନ ସାମୟିକ ଭାବରେ ତାଙ୍କର କର୍ତ୍ତବ୍ୟ ପାଳନ କରିପାରିବେନାହିଁ। ଏହି ନିର୍ଦ୍ଦେଶ ଶନିବାର ବିଳମ୍ବିତ ରାତିରେ ଜାରି କରାଯାଇଥିଲା ଏବଂ ସରକାରୀ ଟିଭିରେ ପ୍ରସାରିତ ହୋଇଥିଲା। ଭେନେଜୁଏଲାର ସମ୍ବିଧାନକୁ ଉଦ୍ଧୃତ କରି କୋର୍ଟ କହିଛନ୍ତି ଯେ ଯଦି ରାଷ୍ଟ୍ରପତି ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବରେ ଅନୁପସ୍ଥିତ ଥାଆନ୍ତି, ତେବେ ଉପରାଷ୍ଟ୍ରପତି ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବେ।

# ୧୪୬୪ କୋଟିର ଅନ୍ତଃରାଜ୍ୟ ବିଲିଂ ରାକେଟ୍‌ର ପର୍ଦ୍ଦାଫାସ୍




ବେଙ୍ଗାଲୁରୁ, ୪।୧ (ଏଜେନ୍ସି): କର୍ଣ୍ଣାଟକ ବାଣିଜ୍ୟିକ ଟିକସ ବିଭାଗର ପ୍ରବର୍ତ୍ତନ ଶାଖା (ଦକ୍ଷିଣ ଜୋନ) ବଡ଼ ଅନ୍ତଃରାଜ୍ୟ ବିଲିଂ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଏହା ୧୪୬୪ କୋଟି ଟଙ୍କାର କାରବାର ସହ ଜଡ଼ିତ ଥିଲା। ଏହି ସିଣ୍ଡିକେଟ ତାମିଲନାଡୁ ଏବଂ କର୍ଣ୍ଣାଟକକୁ ସିମେଣ୍ଟ, ଲୁହା, ଷ୍ଟିଲ ଏବଂ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପଠାଇବା ଜନିତ ଜାଲ୍ ବିଲ୍ କରି କୋଟି କୋଟି ଟଙ୍କାର ଟିକସ ଠକେଇ କରିଥିଲା। ଏ ପର୍ଯ୍ୟନ୍ତ ଜାଲିଆତି କରି ୩୫୫ କୋଟି ଟଙ୍କାର ଇନପୁଟ ଟିକସ କ୍ରେଡିଟ (ଆଇଟିସି) ହାସଲ କରିଥିବା ତଦନ୍ତରୁ ଜଣାପଡ଼ିଛି। ଆଡଭାନ୍ସଡ ଜିଏସଟି ଆନାଲିଟିକ ସିଷ୍ଟମ ଏବଂ ବିଭାଗ ଇନ-ହାଉସ ନନ୍-ଜିନିୟନ ଟ୍ୟାକ୍ସପେୟର୍ସ (ଏନଜିଟିପି) ମଡ୍ୟୁଲୋ ବ୍ୟବହାର କରି ଏହି ଠକେଇ ଚାଲିଥିଲା। ଜିଏସଟି ବ୍ୟାକ-ଅଫିସର ଆଇପି ଆଡ୍ରେସ ଟ୍ରେଲରୁ ଏହି ସନ୍ଦେହଜନକ ବିଲିଂର ସୂଚନା ମିଳିଥିଲା। ଏହି ଆଧାରରେ କର୍ଣ୍ଣାଟକ ଏବଂ ତାମିଲନାଡୁର ବିଭିନ୍ନ ଠିକଣାରେ ଚଢ଼ଉ କରାଯାଇଥିଲା। ଏହି ସ୍ଥାନରୁ ୨୪ ଫୋନ, ୫୧ ସିମ କାର୍ଡ, ୨ଟି ପେନ ଡ୍ରାଇଭ, ଅନେକ ବ୍ୟାଙ୍କ ଆକାଉଣ୍ଟ ଆଦି ଜବତ କରାଯାଇଥିଲା। ଜାଲ କାଗଜପତ୍ର, ଦସ୍ତଖତ, ଭଡ଼ା ଚୁକ୍ତି, ଷ୍ଟାମ୍ପ, ନୋଟାରୀ ଆଦି ଦେଇ ସେଲ୍ କମ୍ପାନୀ ଗଠନ କରାଯାଇଥିବା ଜଣା ପଡ଼ିଥିଲା। ଏହି ମାମଲାରେ ୪ ମୁଖ୍ୟ ଅଭିଯୁକ୍ତ ତାମିଲନାଡୁର ଇରବାଜ ଅହମ୍ମଦ, ନଫିଜ ଅହମ୍ମଦ ଏବଂ ବେଙ୍ଗାଲୁରୁର ଏଡଲା ପ୍ରତାପ ଓ ରେବତୀଙ୍କୁ ଗିରଫ କରାଯାଇଛି।

# ଡିସେମ୍ବରରେ ୧୨,୩୯୨ ଟ୍ରାକ୍ଟର ବିକିଛି ସୋନାଲିକା

ମୁମ୍ବାଇ,୪।୧ : ସୋନାଲିକା ଟ୍ରାକ୍ଟର୍ସ କ୍ୟାଲେଣ୍ଡର ବର୍ଷ ୨୦୨୫ ଡିସେମ୍ବରରେ ଏହାର ସର୍ବୋଚ୍ଚ ୧୨,୩୯୨ ଟ୍ରାକ୍ଟର ବିକ୍ରି ରେକର୍ଡ ହାସଲ କରିଛି। ସୋନାଲିକାର ସଦ୍ୟତମ ପ୍ରଦର୍ଶନ ଭାରତୀୟ କୃଷି ପରିସ୍ଥିତି ପାଇଁ ନିର୍ମାଣ କରାଯାଇଥିବା କାର୍ଯ୍ୟଦକ୍ଷତା ଆଧାରିତ ସମାଧାନ ପ୍ରଦାନ କରିବା ଉପରେ ବ୍ରାଣ୍ଡର ସ୍ଥିର ଧ୍ୟାନକୁ ସ୍ପଷ୍ଟ କରୁଛି। ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନରେ ପୂର୍ଣ୍ଣ ଭାବରେ ଭରପୁର, ପ୍ରତ୍ୟେକ ସୋନାଲିକା ଟ୍ରାକ୍ଟର ହେଉଛି ଦୃଢ଼ ଗୁଣବତ୍ତାର ପ୍ରତୀକ ଯାହା ଚାଷୀମାନଙ୍କ ପାଇଁ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରେ। ବର୍ଷ ବର୍ଷ ଧରି, ସୋନାଲିକା ଏକ ଗର୍ବପୂର୍ଣ୍ଣ ଐତିହ୍ୟ ଏବଂ ହେଭି-ଡ୍ୟୁଟି ଟ୍ରାକ୍ଟର ନିର୍ମାଣରେ ଏକ ଦୃଢ଼ ଖ୍ୟାତି ସୃଷ୍ଟି କରିଛି। ଯାହା ବିସ୍ତୃତ କୃଷକ ଅନ୍ତର୍ଦୃଷ୍ଟି ଅନୁସାରେ ଡିଜାଇନ୍ କରାଯାଇଛି, ଏକ ପଦ୍ଧତି ଯାହା ୧୮+ ଲକ୍ଷ ଚାଷୀଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିଛି। ହୋସିଆରପୁରରେ ବିଶ୍ୱର ନମ୍ବର ୧ ପ୍ଲାଂଟରେ କମ୍ପାନୀର ଉତ୍ପାଦନ କ୍ଷମତା ଏକ ବିସ୍ତୃତ ଚ୍ୟାନେଲ ପାର୍ଟନର ନେଟୱାର୍କ ସହିତ ମିଳିତ ଭାବରେ, କ୍ଷେତ୍ରଗତ ଦକ୍ଷତା ବୃଦ୍ଧି କରୁଥିବା ଉନ୍ନତ ଟ୍ରାକ୍ଟରଗୁଡ଼ିକର ସମୟାନୁସାରେ ଉପଲବ୍ଧତା ସୁନିଶ୍ଚିତ କରୁଥିବା ଇଣ୍ଟରନ୍ୟାସନାଲ ଟ୍ରାକ୍ଟର ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି।

# ୨୦୨୬ ହେବ ମହଙ୍ଗାର ବର୍ଷ

ନୂଆଦିଲ୍ଲୀ,୪।୧ (ଏଜେନ୍ସି)

ହୁ ହୁ ହୋଇ ବଢ଼ିଲା ବଜାର ଦର। ନୂଆ ବର୍ଷ ଆରମ୍ଭରୁ ଗ୍ରାହକଙ୍କ ଉପରେ ଆରମ୍ଭ ହେଲାଣି ମହଙ୍ଗା ମାଡ଼। ରନ୍ଧନ ଗ୍ୟାସ୍‌ଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଯାଏ ସବୁଥିବେ ଖାଉଟି ଗଣିବେ ଅତିରିକ୍ତ ରାଶି। ଏଥିରେ ଖାଉଟିଙ୍କ ଉପରେ ଦରଦାମ୍‌ର ଦାଉ ଶେଷ ହେଉନାହିଁ। ଆଗକୁ ମୋବାଇଲ୍ ରିଚାର୍ଜ, ବାଇକ୍, କାର୍, ସିଗାରେଟ୍,ଏସି ଫ୍ରିଜ ଭଳି ଇଲେକ୍ଟ୍ରୋନିକ୍ ସାମଗ୍ରୀ ଭଳି ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବ। ୨୦୨୫ ଡିସେମ୍ବରରେ ପ୍ରଥମେ ରେଳ ଭଡ଼ା ବଢ଼ିବା ପରଠାରୁ ଅନ୍ୟାନ୍ୟ କ୍ଷେତ୍ରରେ ଦରଦାମ୍ ବୃଦ୍ଧିର ଲାଇନ ଲାଗିଯାଇଛି। ଗାଡ଼ି ଘୋଡ଼ାଠାରୁ ଆରମ୍ଭ କରି ଟିଭି, ଫ୍ରିଜ୍ ଏସି ଭଳି ଇଲେକ୍ଟ୍ରୋନିକ ସାମଗ୍ରୀର ଦାମ ମହଙ୍ଗା ହେବାକୁ ଯାଉଛି। ଇତି ମଧ୍ୟରେ କମ୍ପାନୀଗୁଡ଼ିକ ଏ ନେଇ ଘୋଷଣା ମଧ୍ୟ କରିସାରିଲେଣି।

- **କାର୍‌ଠାରୁ ସ୍ମାର୍ଟଫୋନ୍, ଏସି, ଫ୍ରିଜ୍ ସବୁର ଦର ବଢ଼ିବ**
- **ମୋବାଇଲ ରିଚାର୍ଜରେ ଗ୍ରାହକଙ୍କୁ ଲାଗିବ ବଡ଼ ଝଟ୍‌କା**

ବର୍ଷ ଆରମ୍ଭରୁ ଦେଶରେ ବାଣିଜ୍ୟିକଏଲପିଜି ସିଲିଣ୍ଡର ପିଛା ମୂଲ୍ୟ ୧୧୧ ଟଙ୍କା ମହଙ୍ଗା ହୋଇଛି। ଫଳରେ ୧୯ କେଜିର ଏଲପିଜି ସିଲିଣ୍ଡର ମୂଲ୍ୟ ଏବେ ୧,୬୯୧ ଟଙ୍କା ୫୦ ପଇସା ହୋଇଯାଇଛି। ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଯୋଗୁ ହୋଟେଲ ଓ ରେସ୍ତୋରାଁରେ ଖାଇବା ମହଙ୍ଗା ହେବ। ଦର ବୃଦ୍ଧିରେ ଗ୍ରାହକଙ୍କୁ ସବୁଠାରୁ ବଡ଼ ଝଟ୍‌କା ମୋବାଇଲ ରିଚାର୍ଜ ଆକାରରେ ଲାଗିବାକୁ ଯାଉଛି। ୨୦୨୬ରେ ଟେଲିକକମ କମ୍ପାନୀଗୁଡ଼ିକ ଟାରିଫ ପ୍ଲାନ୍ ବଢ଼ାଇ ପାରନ୍ତି ବୋଲି ବିଭିନ୍ନ ଖବରମାନ ପ୍ରକାଶ ପାଉଛି। ମୋର୍ଗାନ ଷ୍ଟାନ୍‌ଲି ରିପୋର୍ଟ ଅନୁଯାୟୀ, ୨୦୨୪ରେ ଶେଷ ବୃଦ୍ଧି ପରେ ପ୍ରତି ଦୁଇ ବର୍ଷିଆ ମୂଲ୍ୟ ବୃଦ୍ଧିର ଏକ ସାଧାରଣ ବ୍ୟବସ୍ଥାକୁ ଅନୁସରଣ କରି ଟେଲିକମ୍ ଅପରେଟରମାନେ ୨୦୨୬ ରେ ୪ଜି/୫ଜି ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ପ୍ଲାନରେ ୧୬-୨୦% ମୂଲ୍ୟ ବୃଦ୍ଧି କରିବାର ବୋଲି ଆଶା କରାଯାଉଛି। ମୂଲ୍ୟ ବୃଦ୍ଧି ପଛରେ କମ୍ପାନୀଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ ନେଟୱାର୍କ ନିବେଶ ପରେ ପ୍ରତି ଉପଭୋକ୍ତା ହାରାହାରି ରାଜସ୍ୱ ବା (ଏଆର୍‌ପିୟୁ) ବୃଦ୍ଧି କରିବା। ଏହାଛଡା କେନ୍ଦ୍ର ସରକାର ତମାଖୁ ଉତ୍ପାଦ ଉପରେ କଟକଣା ଲଗାଇବାକୁ ଯାଇ ଫେବୃଆରୀ ପହିଲାରୁ ଏହା ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଯୋଗୁ ଦେଶରେ ସିଗାରେଟ ଓ ଅନ୍ୟ ତମାଖୁ ଉତ୍ପାଦ ମହଙ୍ଗା ହେବ। ତେବେ ଦର ବୃଦ୍ଧି ଉପରେ ପୁନର୍ବାର ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ ଟୋବାକୋ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଅନୁରୋଧ କରିଛି। କାରଣ ଏହା ଦେଶର ଏମ୍‌ଏସ୍‌ଏମ୍‌ଇ ଶିଳ୍ପକୁ ପ୍ରଭାବିତ କରିପାରେ ବୋଲି ସେମାନେ କହିଛନ୍ତି। ତେଣୁ ସରକାର ଏହା ଉପରେ ବିଚାର କରିପାରନ୍ତି। ଏହାବ୍ୟତୀତ ୨୦୨୬ ଫେବୃଆରୀ ବେଳକୁ ରେଫ୍ରିଜରେଟର ଓ ଏୟାର କଣ୍ଡିସନର (ଏସି) ଭଳି ଇଲେକ୍ଟ୍ରୋନିକ୍ ଉପକରଣଗୁଡିକ ମହଙ୍ଗା ହୋଇପାରେ। ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ)ର ନୂଆ ଷ୍ଟାର ରେଟିଂ ନିୟମ ଜାନୁଆରୀ ପହିଲାରୁ ଲାଗୁ ହୋଇଛି। ଏହାଦ୍‌ବାରା ରୁମ୍ ଏୟାର କଣ୍ଡିସନରର ମୂଲ୍ୟରେ ୧୦% ଏବଂ ରେଫ୍ରିଜରେଟରର ମୂଲ୍ୟରେ ୫% ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। କମ୍ପାନୀଗୁଡ଼ିକର କହିବା କଥା ହେଲା ନୂଆ ରେଟିଂ ହିସାବରେ ମେସିନାରୀ ସାମଗ୍ରୀରେ ପରିବର୍ତ୍ତନ ଏବଂ ଅଧିକ ମହଙ୍ଗା କମ୍ପୋନେଣ୍ଟ ବ୍ୟବହାର ଯୋଗୁ ଦର ବୃଦ୍ଧି ଆବଶ୍ୟକ ହେଉଛି। ଏହା ବ୍ୟତୀତ, ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ଏବଂ ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ବୃଦ୍ଧି ମଧ୍ୟ ନିର୍ମାତାମାନଙ୍କ ଉପରେ ଦର ବୃଦ୍ଧି ଚାପ ବଢ଼ାଉଛି।



ସାରା ବିଶ୍ୱରେଏଆଇର ବ୍ୟବହାର ବଢ଼ୁଥିବାରୁ ରାମ୍ ଏବଂ ଏସ୍‌ଏସ୍‌ଡି ଭଳି ପ୍ରମୁଖ ଉପାଦାନଗୁଡ଼ିକର ମୂଲ୍ୟ ବି ବୃଦ୍ଧି ପାଉଛି। ଗତ କିଛି ମାସ ମଧ୍ୟରେ ଏହାର ମୂଲ୍ୟ ଦ୍ୱିଗୁଣିତ ଏବଂ ଏପରିକି ତିନିଗୁଣ ବୃଦ୍ଧି ପାଇଛି। ଏଆଇର ପ୍ରବଳ ମାତ୍ରାରେ ଚିପ୍ ବ୍ୟବହାର ହେଉଥିବାରୁ ବର୍ତ୍ତମାନ ଚିପ୍ ଯୋଗଣ ହ୍ରାସ ପାଇଛି। ମେମୋରୀ ଯୋଗାଣ ସଙ୍କଟର ପ୍ରଭାବରେ ଆଗାମୀ ଦିନରେ ସ୍ମାର୍ଟଫୋନ୍ ଏବଂ ପିସି ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡିକର ମୂଲ୍ୟ ବଢ଼ିପାରେ। ରିପୋର୍ଟ ଅନୁସାରେ ଏଥିରେ ପ୍ରାୟ ୧୫-୨୦% ମୂଲ୍ୟ ବୃଦ୍ଧି ଅନୁମାନ କରାଯାଉଛି।

୨୦୨୬ରେ ଆପଲ୍, ସାମସଙ୍ଗ, ୱାନପ୍ଲସ୍, ଜିଆଓମି, ରିୟଲମି ଓପୋ ଭଳି କମ୍ପାନୀ ମୂଲ୍ୟ ବୃଦ୍ଧି କରିପାରନ୍ତି। ଏହାସହ ଲାପଟପ କମ୍ପ୍ୟୁଟର ମୂଲ୍ୟ ମଧ୍ୟ ବଢ଼ିପାରେ। ଅପରପକ୍ଷେ ନିକଟରେ ଜିଏସ୍‌ଟି ହ୍ରାସ ପରେ କାର ଓ ବାଇକ୍ ଆଦିର ଦାମ୍ କମୁଥିଲା। ହେଲେ ଏବେ ପୁନର୍ବାର ମୂଲ୍ୟ ବୃଦ୍‌ଦି ହେବାକୁ ଯାଉଛି। ମାରୁତି, ଟାଟା, ଏମ୍‌ଜି, ହ୍ୟୁଣ୍ଡାଇ ଓ ରେନୋ ଭଳି କମ୍ପାନୀଗୁଡ଼ିକ ଗାଡ଼ି ମୂଲ୍ୟ ବୃଦ୍ଧି କରିପାରନ୍ତି। ଏମ୍‌ଜି ମୋଟର ପୂର୍ବରୁ ମୂଲ୍ୟ ବୃଦ୍ଧି ଘୋଷଣା କରିସାରିଥିବାବେଳେ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଜାନୁଆରୀ ଶେଷ ସୁଦ୍ଧି ଦର ବୃଦ୍ଧି କରିପାରନ୍ତି। ସେହିପରି ବାଇକ ମଧ୍ୟରେ ଟ୍ରାୟମ୍ଫ ଗାଡ଼ି ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଛି। ଅନ୍ୟ ବାଇକ୍ କମ୍ପାନୀମାନେ ମଧ୍ୟ ମୂଲ୍ୟ ବଢାଇପାରନ୍ତି। ଦେଶରେ କ୍ରମାଗତ ଭାବେ ସୁନା ଓ ରୁପା ମୂଲ୍ୟ ବଢ଼ି ଚାଲିଛି। ୨୦୨୫ରେ ସୁନା ମୂଲ୍ୟରେ ଅସାଧାରଣ ବୃଦ୍ଧି ଘଟିଥିଲା। ଦର ବୃଦ୍ଧିରେ ପ୍ରାୟ ୫୨ଟି ନୂଆ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ବିଶେଷଜ୍ଞଙ୍କ କହିବା କଥା ହେଉଛି, ୨୦୨୬ରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ସୁନାର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏହା ୨୦୨୬ ଶେଷ ସୁଦ୍ଧା ସୁନା ପ୍ରତି ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଅତିକ୍ରମ କରିପାରେ।

**ଆର୍‌ବିଆଇ ସୂଚନା**

# ଫେରୁନି ୨୦୦୦ ଟଙ୍କିଆ ନୋଟ୍




ମୁମ୍ବାଇ, ୪।୧(ଏଜେନ୍ସି): ୨୦୨୩ ମେ' ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରିଥିଲା। ଯାହା ଫଳରେ ସାରା ଦେଶରେ ଲୋକେ ସମସ୍ତ ୨୦୦୦ ଟଙ୍କିଆ ନୋଟ୍ ସେମାନଙ୍କ ବ୍ୟାଙ୍କରେ ଜମା କରିବା ବାଧ୍ୟ ହୋଇଥିଲେ। ତଥାପି, ଆର୍‌ବିଆଇ ଏ ପର୍ଯ୍ୟନ୍ତ ସମସ୍ତ ୨୦୦୦ ଟଙ୍କିଆ ନୋଟ୍ ପାଇନାହିଁ।

- **ଏବେ ବି ବଜାରକୁ ଫେରିନି ୫୬୬୯ କୋଟି ମୂଲ୍ୟର ନୋଟ୍**
- **୨୦୨୫ ଡିସେମ୍ବର ୩୧ ସୁଦ୍ଧା ୯୮.୪୧% ନୋଟ୍ ଫେରିଛି**

ତଥାପି ଭାରତୀୟ ରିଜର୍ଭ ବ୍ୟାଙ୍କ ଏପର୍ଯ୍ୟନ୍ତ ସମସ୍ତ ୨୦୦୦ ଟଙ୍କିଆ ନୋଟ୍ ପାଇନାହିଁ। ଏବେ, ବି ବହୁ ପରିମାଣରେ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିପାରିନାହିଁ। ଏହାର ଅର୍ଥ ବର୍ତ୍ତମାନ ଆହୁରି ଅନେକ ଲୋକ ୨୦୦୦ ଟଙ୍କିଆ ନୋଟ୍ ଫେରାଉନାହାଁନ୍ତି। ଏବେ ବି ପ୍ରାୟ ୫୬୬୯ କୋଟି ଟଙ୍କା ମୂଲ୍ୟର ଦୁଇ ହଜାର ଯଙ୍କା ମୂଲ୍ୟର ନୋଟ୍ ବଜାରକୁ ଫେରିନାହିଁ।

ଯେତେବେଳେ ଆର୍‌ବିଆଇ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ବନ୍ଦ କରିଥିଲା, ସେତେବେଳେ ସାରା ଦେଶରେ ୩.୫୬ ଲକ୍ଷକୋଟି ମୂଲ୍ୟର୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଥିଲା। ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏହି ନୋଟ୍ ମଧ୍ୟରୁ ୯୮.୪୧ ପ୍ରତିଶତ ଫେରିଆସିଛି। ଏହି ସମୟରେ, ୫,୬୬୯ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି, ଯାହା ଏ ପର୍ଯ୍ୟନ୍ତ ଆର୍‌ବିଆଇ ପାଖରେ ପହଞ୍ଚିପାରିନାହିଁ। ଗତ ଦୁଇ ମାସ ମଧ୍ୟରେ, ଆର୍‌ବିଆଇ ମଧ୍ୟ ଅଳ୍ପ ପରିମାଣରେ ୨୦୦୦ ଟଙ୍କିଆ ନୋଟ୍ ଫେରିପାଇଛି। ଅକ୍ଟୋବର ୩୧ ସୁଦ୍ଧା ୫,୮୧୭ କୋଟି ମୂଲ୍ୟର ନୋଟ୍ ପ୍ରଚଳନରେ ଥିଲା, ଯାହା ଏବେ ୫,୬୬୯ କୋଟିକୁ ବୃଦ୍ଧି ପାଇଛି। ଫଳସ୍ୱରୂପ, ଗତ ଦୁଇ ମାସରେ, ଆର୍‌ବିଆଇ ମୋଟ ୧୪୮ କୋଟି ଆର୍‌ବିଆଇ ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ଫେରିପାଇଛି।

ବର୍ତ୍ତମାନ ଯଦି କାହା ପାଖରେ ୨୦୦୦ ଟଙ୍କିଆ ନୋଟ୍ ଥାଏ, ତେବେ ବଦଳାଇବା ପାଇଁ ଆର୍‌ବିଆଇ କାର୍ଯ୍ୟାଳୟକୁ ଯିବାକୁ ପଡିବ। ସାରା ଭାରତରେ ୧୯ଟି ଆର୍‌ବିଆଇ କାର୍ଯ୍ୟାଳୟ ରହିଛି। ସେଗୁଡିକ ହେଉଛି, ଅହମ୍ମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୌହାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ତିରୁବନନ୍ତପୁରମ ଅନ୍ତର୍ଭୁକ୍ତ।

**ବଜେଟ୍ ୨୦୨୬**

# ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ




ନୂଆଦିଲ୍ଲୀ,୪।୧(ଏଜେନ୍ସି): କେନ୍ଦ୍ର ସରକାର ବର୍ତ୍ତମାନ ପରବର୍ତ୍ତୀ ଆର୍ଥିକ ନୀତି ଉପସ୍ଥାପନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତିରେ ନିୟୋଜିତ। ସୂତ୍ର ଅନୁଯାୟୀ, କେନ୍ଦ୍ରୀୟ ବଜେଟ ୨୦୨୬ ଫେବୃଆରୀ ପହିଲାରେ ସଂସଦରେ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ଏଥର ଏହା ରବିବାର ପଡୁଛି, କିନ୍ତୁ ଏ ପର୍ଯ୍ୟନ୍ତ ତାରିଖରେ କୌଣସି ପରିବର୍ତ୍ତନ ହେବାର ସୂଚନା ନାହିଁ। ଅର୍ଥ ମନ୍ତ୍ରଣାଳୟ ଏବଂ ଏହାର ସହଯୋଗୀ ବିଭାଗଗୁଡ଼ିକ ସମସ୍ତ ବଜେଟ ତଥ୍ୟ ଏବଂ ପ୍ରସ୍ତାବଗୁଡ଼ିକୁ ଚୂଡ଼ାନ୍ତ କରିବାରେ ବ୍ୟସ୍ତ ଅଛନ୍ତି, ଯାହା ଦ୍ୱାରା ପ୍ରକ୍ରିୟା ସମୟ ମଧ୍ୟରେ ସମାପ୍ତ ହେବ। ସରକାରୀ ଅଧିକାରୀଙ୍କ ଅନୁଯାୟୀ, ବଜେଟ ପ୍ରସ୍ତୁତି ନିର୍ଦ୍ଧାରିତ ସମୟ ଅନୁସାରେ ସମ୍ପୂର୍ଣ୍ଣ ଭାବରେ ଆଗେଇ ଚାଲିଛି। ସମସ୍ତ ବିଭାଗ ସେମାନଙ୍କର ତଥ୍ୟ ଏବଂ ପ୍ରସ୍ତାବ ପ୍ରସ୍ତୁତ କରୁଛନ୍ତି। ବଜେଟ୍ ଫେବୃଆରୀ ୧ରେ ଉପସ୍ଥାପିତ ହେବ ଏବଂ ଏହାକୁ କୌଣସି ବାଧା ବିନା ସମାପ୍ତ କରିବାକୁ ଯୋଜନା କରାଯାଇଛି। ଏହି ସମୟ ରବିବାର ପଡୁଥିଲେ ମଧ୍ୟ ସରକାରଙ୍କ ପ୍ରାଥମିକତା ହେଉଛି ସମୟ ମଧ୍ୟରେ ବଜେଟ ଉପସ୍ଥାପନ କରିବା। ବଜେଟ ଅଧିବେଶନର ତାରିଖ ଏବଂ ଅବଧି ବିଷୟରେ ସରକାର ଏ ପର୍ଯ୍ୟନ୍ତ କୌଣସି ସରକାରୀ ଭାବେ ଘୋଷଣା କରିନାହାଁନ୍ତି। ସଂସଦ ଅଧିବେଶନ କେବେ ଆରମ୍ଭ ହେବ ଏବଂ ଏହା କେତେ ଦିନ ଚାଲିବ ସେ ବିଷୟରେ ବିବରଣୀ ବିଜ୍ଞପ୍ତି ଜାରି ହେବା ପରେ ହିଁ ଏହା ସ୍ପଷ୍ଟ ହେବ। ସାଂସଦ, ବ୍ୟବସାୟୀ ଏବଂ ନିବେଶକମାନେ ଏହି ଘୋଷଣା ଉପରେ କଡ଼ା ନଜର ରଖିଛନ୍ତି, ଯାହା ଦ୍‌ବାରା ସେମାନେ ସମୟାନୁସାରେ ଯୋଜନା ଏବଂ ପ୍ରସ୍ତୁତି କରିପାରିବେ। ବିଭିନ୍ନ ବିଭାଗର ତଥ୍ୟ ଏବଂ ପରାମର୍ଶକୁ ମିଶ୍ରଣ କରି ବଜେଟ ଚିଠା ପ୍ରସ୍ତୁତ କରାଯାଉଛି। ସରକାରଙ୍କ ଧ୍ୟାନ ଏକ ସୁଗମ ଏବଂ ସମୟାନୁସାରେ ବଜେଟ୍ ଉପସ୍ଥାପନା ପ୍ରକ୍ରିୟା ସୁନିଶ୍ଚିତ କରିବା ଉପରେ। ଏହା କେବଳ ସଂସଦରେ ସୁଗମ ବିତର୍କ ସୁନିଶ୍ଚିତ କରିବ ନାହିଁ ବରଂ ବଜାର ଏବଂ ନିବେଶକ ରଣନୀତି ଗଠନକୁ ମଧ୍ୟ ସହଜ କରିବ। କେନ୍ଦ୍ରୀୟ ବଜେଟ କେବଳ ସରକାର ପାଇଁ ନୁହେଁ ବରଂ ସାଧାରଣ ଜନତା, ଶିଳ୍ପ ଏବଂ ନିବେଶକଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତାରିଖରେ ପରିବର୍ତ୍ତନ ଅର୍ଥନୈତିକ ଏବଂ ନୀତି ଯୋଜନାକୁ ପ୍ରଭାବିତ କରିପାରେ। ବର୍ତ୍ତମାନ, ସମସ୍ତ ସୂଚନା ସୂଚାଇ ଦେଉଛି ଯେ ବଜେଟ୍ ନିର୍ଦ୍ଧାରିତ ସମୟରେ, ଫେବୃଆରୀ ୧ ତାରିଖରେ ଉପସ୍ଥାପନ କରାଯିବ।

**ଏ ପର୍ଯ୍ୟନ୍ତ ଘୋଷଣା ହୋଇନି ବଜେଟ ଅଧିବେଶନର ତାରିଖ**

**ଫୋର୍ବସର ନୂଆ ୪୦ ଅଣ୍ଡର ୪୦ ତାଲିକା**

# ନିଖିଲ କାମାଥ୍ ଏକମାତ୍ର ଭାରତୀୟ

ନୂଆଦିଲ୍ଲୀ,୪।୧(ଏଜେନ୍ସି)



ବିଶ୍ୱ ବିଲିୟନେୟାରଙ୍କ ତାଲିକାରେ ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗପତିମାନେ ପୁଣି ନିଜର ପରିଚୟ ସୃଷ୍ଟି କରିଛନ୍ତି। ଫୋର୍ବସର ନୂଆ '୪୦ ଅଣ୍ଡର ୪୦' ସେଲଫମେଡ ବିଲିୟନେୟାରଙ୍କ ତାଲିକାରେ ୪୦ ବର୍ଷରୁ କମ୍ ବୟସର ସେହି ଲୋକଙ୍କୁ ସାମିଲ କରାଯାଇଛି, ଯେଉଁମାନେ ସ୍ୱଳ୍ପ ବୟସରେ ଅମାପ ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ଚଳିତବର୍ଷ ଏହି ସୂଚୀରେ ଭାରତୀୟ ମୂଳର ୪ ଉଦ୍ୟୋଗୀଙ୍କୁ ସ୍ଥାନ ମିଳିଛି, ଯେଉଁମାନଙ୍କର ମୋଟ ସମ୍ପତ୍ତି ୧୧ ବିଲିୟନ ଡଲାରରୁ ମଧ୍ୟ ଅଧିକ। ତେବେ ଖାସ କଥା ଯାହା ତାହା ହେଉଛି ଏମାନଙ୍କ ମଧ୍ୟରୁ ଭାରତରେ ରହି କାରବାର କରୁଥିବା ଏକମାତ୍ର ଉଦ୍ୟୋଗପତି ନିଖିଲ କାମାଥ୍ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି।

ଭାରତୀୟ ଉଦ୍ୟୋଗପତିଙ୍କ ମଧ୍ୟରେ ନ୍ୟୁୟର୍କରେ ରହୁଥିବା ୩୫ ବର୍ଷ ବୟସ୍କ ଅଙ୍କୁର ଜୈନ ୧୯ତମ ସ୍ଥାନ ହାସଲ କରିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୩.୪ ବିଲିୟନ ଡଲାର ଆକଳନ କରାଯାଇଛି। ଅଙ୍କୁର ଜୈନ ବିଲ୍ଟ ରିୱାର୍ଡସର ସିଇଓ ଏବଂ ସଂସ୍ଥାପକ ମଧ୍ୟ। ବିଲ୍ଟ ରିୱାର୍ଡ ଭଡାରେ ରହୁଥିବା ଲୋକଙ୍କୁ ପୁରସ୍କୃତ କରିବାରେ ଏକ ଅନନ୍ୟ ପ୍ଲାଟଫର୍ମ। ନିବେଶକଙ୍କ ଅନୁସାରେ ବିଲ୍ଟର ମୂଲ୍ୟାୟନ ୧୦.୮ ବିଲିୟନ ଡଲାରକୁ ପହଞ୍ଚିଛି। ୱାର୍ଟନ ସ୍କୁଲରେ ପଢିଥିବା ଅଙ୍କୁରଙ୍କୁ ଆମେରିକୀୟ ଟେକ୍ ଇକୋ ସିଷ୍ଟମର ଜଣେ ପ୍ରଭାବଶାଳୀ ଯୁବ ଫାଉଣ୍ଡର ରୂପେ ଗଣନା କରାଯାଏ। ଏହି ତାଲିକାର ୨୦ତମ ସ୍ଥାନରେ ଭାରତର ନିଖିଲ କାମାଥ୍ ଅଛନ୍ତି। ନିଖିଲଙ୍କ ମୋଟ ସମ୍ପତ୍ତି ପରିମାଣ ୩.୩ ବିଲିୟନ ଡଲାରରୁ ବି ଅଧିକ। ନିଖିଲ ବେଙ୍ଗାଲୁରସ୍ଥିତ ଡିସ୍କାଉଣ୍ଟ ବ୍ରୋକରେଜ ଫାର୍ମ ଜିରୋଧାର ସହ ସଂସ୍ଥାପକ ଏବଂ ସିଏଫଓ ଅଛନ୍ତି। ସେ ୨୦୧୦ ମସିହାରେ ଜିରୋଧା ଆରମ୍ଭ କରିଥିଲେ। ଏହା ଆଜି ଭାରତର ସବୁଠୁ ବଡ଼ ବ୍ରୋକରେଜ କମ୍ପାନୀ ମଧ୍ୟରେ ଅନ୍ୟତମ। ଫୋର୍ବସ ମୁତାବକ ଜିରୋଧାର ବଜାର ମୂଲ୍ୟ ପାଖାପାଖି ୮ ବିଲିୟନ ଡଲାର।

**ତାଲିକାରେ ୪ ଭାରତ ବଂଶୋଦ୍ଭବ ବିଲେନିୟର ଉଦ୍ୟୋଗପତି**

ତାଲିକାର ୨୭ତମ ସ୍ଥାନରେ ମିଳିତ ଭାବେ ସ୍ଥାନ ପାଇଥିବା ୨୨ ବର୍ଷ ବୟସ୍କ ଆଦର୍ଶ ହୀରେମଥ ଓ ସୂର୍ଯ୍ୟ ମିଧା ବିଶ୍ୱର ସବୁଠୁ ଯୁବ ବିଲେନିୟର। ଏହି ଦୁଇଜଣ ମର୍କୋର ନାମକ ଏଆଇ ନିଯୁକ୍ତିପ୍ରଦାନକାରୀ ଷ୍ଟାର୍ଟଅପ୍‌ର ସହସଂସ୍ଥାପକ। ଏହି ଷ୍ଟାର୍ଟଅପର ଆରମ୍ଭ ୨୦୨୩ରେ ହୋଇଥିଲା। ମର୍କୋର ସିଲିକନ ଭ୍ୟାଲିର ବଡ଼ ବଡ଼ ଏଆଇ ଲ୍ୟାବସ୍‌କୁ ନିଜର ମଡେଲ ଟ୍ରେନ କରିବାରେ ସହାୟତା କରିଥାଏ। ଉଭୟଙ୍କ ମୋଟ ସମ୍ପତ୍ତି ପରିମାଣ ପାଖାପାଖି ୧,୮୨୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଓଡ଼ିଶା ବକ୍ସାଇଟ୍ ଭାରତର ସବୁଜ ଶକ୍ତି ତଥା ଉତ୍ପାଦନ ସମାଧାନର ଚାବିକାଠି



ଭୁବନେଶ୍ୱର, ୪।୧(ସମିସ): ଭାରତର ଶିଳ୍ପ ଏବଂ ଶକ୍ତି ପରିବର୍ତ୍ତନ ମହତ୍ୱାକାଂକ୍ଷା ସମ୍ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଜନିତ ଆହ୍ୱାନର ସମ୍ମୁଖୀନ ହେଉଛି। ହେଲେ ଓଡ଼ିଶା ପାଖରେ ଏହାକୁ ସମାଧାନ କରିବାର ଚାବିକାଠି ରହିଛି। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସଆଇ)ର ୨୦୨୩-୨୪ ବୁଲେଟିନ୍ ନିଶ୍ଚିତ କରେ ଯେ ଓଡ଼ିଶାରେ ୧୯୯୪.୫୭୨ ନିୟୁତ ଟନ୍ ରୁ ଅଧିକ ପ୍ରମାଣିତ ଏବଂ ସମ୍ଭାବ୍ୟ ବକ୍ସାଇଟ୍ ସଂରକ୍ଷଣ ରହିଛି, ଯାହା ଦେଶର ମୋଟ ପରିମାଣର ୫୧% ରୁ ଅଧିକ, ତଥାପି ଏହି ଜମାର ଏକ ଚତୁର୍ଥାଂଶରୁ କମ୍ ସକ୍ରିୟ ନିଷ୍କାସନ ଲାଇସେନ୍ସ ଅଧୀନରେ ଅଛି। ଭାରତର ଆଲୁମିନିୟମ ଆମଦାନୀ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଇଛି। ବୈଦ୍ୟୁତିକ ଯାନ, ସୌର ଭିତ୍ତିଭୂମି ଏବଂ ମହାକାଶ ଦ୍ୱାରା ପରିଚାଳିତ ବିଶ୍ୱ ଆଲୁମିନିୟମ ଚାହିଦା ୨୦୫୦ ସୁଦ୍ଧା ୮୦% ବୃଦ୍ଧି ପାଇବାର ଆକଳନ ସହିତ, ମହଙ୍ଗା ଆମଦାନୀ ଉପରେ ନିର୍ଭରଶୀଳତା ଦ୍ୱାରା ଭାରତର ଉତ୍ପାଦନ ପ୍ରତିଯୋଗିତା କ୍ରମଶଃ ସଙ୍କୁଚିତ ହେଉଛି। ଖଣି ମନ୍ତ୍ରଣାଳୟର ୨୦୨୪ ଫେବୃଆରୀର କ୍ରିଟିକାଲ୍ ମିନେରାଲ୍ସ ଫର ଇଣ୍ଡିଆସ୍ ଫ୍ୟୁଚର ରିପୋର୍ଟ ଏହି ଜରୁରୀତାକୁ ଗୁରୁତ୍ୱାରୋପ କରିଛି, ଯାହା ପ୍ରଥମ ଥର ପାଇଁ ଆଲୁମିନିୟମ ଏବଂ ବକ୍ସାଇଟ୍‌କୁ ରଣନୈତିକ ଖଣିଜ ତାଲିକାରେ ସ୍ଥାନିତ କରିଛି। ବିଶ୍ୱର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଚୀନ୍, ବର୍ତ୍ତମାନ ଆକ୍ରମଣାତ୍ମକ ଭାବରେ ବିଦେଶୀ ବକ୍ସାଇଟ୍ ଖଣିଗୁଡ଼ିକୁ ସୁରକ୍ଷିତ କରୁଛି, ଦଶନ୍ଧି ଧରି ଯୋଗାଣ ଶୃଙ୍ଖଳରେ ବନ୍ଧ ରହିଛି। ଯଦି ଭାରତ ଓଡ଼ିଶା ଭଳି ସମ୍ପଦ ସମୃଦ୍ଧ ରାଜ୍ୟରେ ଘରୋଇ ଖଣି ଖନନକୁ ତ୍ୱରାନ୍ୱିତ ନ କରେ, ତେବେ ଏହା ସୌର ପ୍ୟାନେଲ୍ ଉତ୍ପାଦନ, ହାଇ-ସ୍ପିଡ୍ ରେଳ, ଇଭି ଚେସିସ୍ ଉତ୍ପାଦନ ଏବଂ ପ୍ରତିରକ୍ଷା ଏରୋସ୍ପେସ୍ ଉପାଦାନରେ ମୂଲ୍ୟ ପ୍ରତିଯୋଗିତା ହରାଇବାର ଆଶଙ୍କା ରହିଛି।

